**ନୀତି ଭାରତୀ**

ଯେଉଁ ବ୍ୟକ୍ତି ତୁମର ନିରବତା କାମନା କରନ୍ତି ଏବଂ ତୁମକୁ ବୃଦ୍ଧିଲାଭ କରିବାର ଅଧିକାରରୁ ବଞ୍ଚିତ କରିବାକୁ ଚାହାନ୍ତି, ସେ କେବେହେଲେ ତୁମର ବନ୍ଧୁ ନୁହନ୍ତି । - ଆଲିସ୍ ୱାକର୍

ନିତିଦିନ NITIDIN

ମଙ୍ଗଳବାର, ୧୩ ଫେବୃଆରୀ ୨୦୧୮

# ଗାଳିଦେବା ରାଜନୀତି କ୍ଷତିକାରକ

ରାଜନୀତିରେ ସରକାର ବା ସରକାରୀ ଦଳକୁ ବିରୋଧୀ ପକ୍ଷ ବିଭିନ୍ନ ଅଭିଯୋଗ ଉଠାଇ ଗାଳିଦେବା ରାଜନୀତିର ପରିଭାଷା ଭାବରେ ଗ୍ରହଣ କରାଯାଇଛି । କିନ୍ତୁ ଗଣତାନ୍ତ୍ରିକ ବ୍ୟବସ୍ଥାରେ ସରକାରୀ ଦଳ ବିରୋଧୀ ଦଳକୁ ଆସିବା ଏବଂ ବିରୋଧୀ ପକ୍ଷ ସରକାରକୁ ଯିବା ଏକ ଚିରାଚରିତ ବ୍ୟବସ୍ଥା । ସେଥିପାଇଁ ବିରୋଧୀ ପକ୍ଷ ସରକାରକୁ ବା ସରକାରୀ ବ୍ୟବସ୍ଥାକୁ ଗାଳିଦେବା ସମୟରେ ଏକ ମର୍ଯ୍ୟାଦା ଭିତରେ ନରହିଲେ ଏହା ସେମାନଙ୍କ ପାଇଁ ଭବିଷ୍ୟତରେ କାଳ ହୋଇଯାଏ । ଭାରତୀୟ ଗଣତନ୍ତ୍ରରେ ପ୍ରଥମଥର ପାଇଁ କେନ୍ଦ୍ର ଶାସନରେ ୧୯୭୭ରେ ଏକ ଅଣକଂଗ୍ରେସ ସରକାର ସ୍ଥାପିତ ହୋଇଥିଲା । କଂଗ୍ରେସ ଶାସନର ଭ୍ରଷ୍ଟାଚାର ବିରୋଧରେ ଜୟପ୍ରକାଶ ଆନ୍ଦୋଳନ ପ୍ରତି ସମର୍ଥନକୁ ଲକ୍ଷ୍ୟ କରି ଇନ୍ଦିରା ଗାନ୍ଧି ନିଜ ଶାସନକୁ ସୁରକ୍ଷିତ କରିବା ପାଇଁ ୧୯୭୫ ଜୁନ୍‌ରେ ଜରୁରୀ ପରିସ୍ଥିତି ଜାରି କରି ସବୁ ବିରୋଧୀ ନେତାଙ୍କୁ ଜେଲ୍ ପଠାଇଦେଇଥିଲେ । କିନ୍ତୁ ଇନ୍ଦିରା ଗାନ୍ଧିଙ୍କର ଏହି ପଦକ୍ଷେପ ବିରୋଧୀମାନଙ୍କୁ ଏକଜୁଟ୍ କରିଦେଲା ଓ ୧୯୭୭ରେ କଂଗ୍ରେସ କ୍ଷମତାଚ୍ୟୁତ ହୋଇ ଜନତା ପାର୍ଟି



**ରବି ଦାସ**

ଶାସନକୁ ଆସିଲା । ଜନସାଧାରଣଙ୍କର ଜରୁରୀ ପରିସ୍ଥିତି ବିରୋଧରେ ଓ ବିଶେଷ ଭାବରେ ଇନ୍ଦିରା ଗାନ୍ଧିଙ୍କ ବିରୋଧରେ ଭୋଟ୍‌ରେ ସ୍ପଷ୍ଟ ମତ ପ୍ରକାଶ ପରେ ମଧ୍ୟ କ୍ଷମତାରେ ବସି ଇନ୍ଦିରା ଗାନ୍ଧିଙ୍କୁ କେତେ ଅଧିକ କ୍ଷତିଗ୍ରସ୍ତ କରାଯାଇପାରିବ, ସେଥିପାଇଁ ଅନେକ ନେତା ପ୍ରତିଯୋଗିତା କରିବାରୁ ଜନତାପାର୍ଟି ବିଭାଜିତ ହେଲା ଏବଂ ୧୯୮୦ରେ ଯେଉଁ ସାଧାରଣ ନିର୍ବାଚନ ହେଲା ସେଥିରେ ଦେଶବାସୀ ଇନ୍ଦିରା ଗାନ୍ଧିଙ୍କୁ ବିପୁଳ ସମର୍ଥନ ସହ କ୍ଷମତାକୁ ଆଣିଲେ । ୧୯୮୯ ପରଠାରୁ ଭାରତର ଜନସାଧାରଣ ନିର୍ଦ୍ଦିଷ୍ଟ ଭାବରେ କୌଣସି ଗୋଟିଏ ଦଳକୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ପ୍ରଦାନ କରିନଥିଲେ ମଧ୍ୟ ଏହି ସମୟ ଭିତରେ ଭାରତ ସମାଜବାଦୀ ଅର୍ଥନୀତିକୁ ପରିତ୍ୟାଗ କରି ଆର୍ଥିକ ସଂସ୍କାର ନାମରେ ଜଗତୀକରଣ ଅର୍ଥନୀତିକୁ ଗ୍ରହଣ କଲା । ୨୫ବର୍ଷ କାଳ ଏହି ଅବସ୍ଥା ଭିତରେ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସରକାର ୬ବର୍ଷ ପାଇଁ ଦେଶବାସୀ ଦେଖିଥିଲେ । କିନ୍ତୁ ୨୦୧୪ ନିର୍ବାଚନରେ ପ୍ରଥମଥର ପାଇଁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପିକୁ ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ସହକାରେ ସରକାର ଗଠନ ପାଇଁ ଜନସାଧାରଣ ମତ ଦେଇଛନ୍ତି । ନିର୍ବାଚନରେ ନରେନ୍ଦ୍ର ମୋଦିଙ୍କର ବିଭିନ୍ନ ପ୍ରତିଶ୍ରୁତି ସହ ନିବେଦନ ଥିଲା ଯେ କଂଗ୍ରେସକୁ ୬୦ବର୍ଷ ଶାସନ କ୍ଷମତା ଦିଆଯାଇଥିବା ସମୟରେ ତାଙ୍କୁ ୬୦ମାସ ଅର୍ଥାତ୍ ୫ବର୍ଷ ପାଇଁ କ୍ଷମତା ସୁଯୋଗ ଦିଆଗଲେ ସେ ବଡ଼ ପରିବର୍ତ୍ତନ ଆଣିବାକୁ ସକ୍ଷମ ହେବେ । ଏହି ୬୦ମାସ ଶାସନ ଭିତରୁ ୪୫ମାସ ଅତିକ୍ରାନ୍ତ ହୋଇଛି । ଏହି ଅବସ୍ଥାରେ ୪୫ମାସ ଶାସନ ଉପରେ ଜନସାଧାରଣଙ୍କୁ ଅବଗତ କରାଇବା ବଦଳରେ ପାର୍ଲାମେଣ୍ଟରେ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ପ୍ରସ୍ତାବ ଆଲୋଚନାର ଉତ୍ତର ଦେଇ କଂଗ୍ରେସକୁ ଗାଳିଦେବା ପାଇଁ ଏହାର ଅତୀତ ବୁନିଆଦି ନେଇ ଯେଉଁ ଧରଣର ଆକ୍ରମଣ କରିଛନ୍ତି ତାହା କେବଳ ଜଣେ ଆରଏସଏସ୍ ପ୍ରଚାରକ ହିଁ କରିପାରିବ । କଂଗ୍ରେସ ଦେଶ ବିଭାଜନ କରିଦେଲା ଓ ନେହରୁଙ୍କ ବଦଳରେ ସର୍ଦ୍ଦାର ପଟେଲ୍ ପ୍ରଧାନମନ୍ତ୍ରୀ ହୋଇଥିଲେ କଶ୍ମୀର ସମସ୍ୟା ନଥାନ୍ତା ବୋଲି କହି କଂଗ୍ରେସକୁ ଗାଳିଦେବା ଦେଶ ସ୍ୱାଧୀନତାର ୭୦ବର୍ଷ ପରେ ଜଣେ ପ୍ରଧାନମନ୍ତ୍ରୀଙ୍କ ମୁହଁରେ ଆଦୌ ଶୋଭାପାଉନାହିଁ ।

୨୦୧୪ ନିର୍ବାଚନ ପ୍ରଚାର ସମୟରେ କଂଗ୍ରେସମୁକ୍ତ ଭାରତ ପାଇଁ ସ୍ଲୋଗାନ ଦେଇ ନରେନ୍ଦ୍ର ମୋଦି ଯାହାସବୁ କହୁଥିଲେ ସେଗୁଡ଼ିକ ରାଜନୈତିକ ପ୍ରଚାର ଭାବରେ ବିଚାର କରାଯାଉଥିଲା । ଅସଲ କଥା ହେଲା ଯେ ୧୦ବର୍ଷର ୟୁପିଏ ଶାସନ ବିରୋଧରେ ଯେଉଁ ଜନଅସନ୍ତୋଷ ରହିଥିଲା ତାହାକୁ ସଂଗଠିତ କରିବାରେ ନରେନ୍ଦ୍ର ମୋଦି ସଫଳ ହୋଇଥିଲେ । ଜନସାଧାରଣଙ୍କ ରାୟ କଦାପି ଭାରତୀୟ ଇତିହାସକୁ ଓ ବିଶେଷ ଭାବରେ ଗତ ୭୦ବର୍ଷ ଇତିହାସକୁ ବଦଳାଇଦେବା ପାଇଁ ନରେନ୍ଦ୍ର ମୋଦିଙ୍କୁ କ୍ଷମତା ଦିଆଯାଇନଥିଲା । ଅଟଳବିହାରୀ ବାଜପେୟୀ ୬ବର୍ଷ କାଳ ପ୍ରଧାନମନ୍ତ୍ରୀ ଥିବା ସମୟରେ ଏପରି ଉଦ୍ୟମ ଥରୁଟିଏ କରିନଥିଲେ । ବରଂ ସେ ବିରୋଧୀ ପକ୍ଷରେ ଥିବା ସମୟରେ ୧୯୭୧ରେ ପାକିସ୍ତାନ ସହିତ ଭାରତର ଯୁଦ୍ଧ ଓ ବଙ୍ଗଳାଦେଶ ରାଷ୍ଟ୍ର ଗଠନ ହେବାରେ ଇନ୍ଦିରା ଗାନ୍ଧିଙ୍କର ଭୂମିକା ପାଇଁ ତାଙ୍କୁ ଦୁର୍ଗା ଭାବେ ଅଭିହିତ କରିଥିଲେ । ଏହା କେହି ବି ଅସ୍ୱୀକାର କରିପାରିବେ ନାହିଁ ଯେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଗାନ୍ଧିଜୀଙ୍କ ପରେ ନେହରୁ, ପଟେଲ, ସୁଭାଷ ବୋଷ ପ୍ରଭୃତି ଜାତୀୟ ନେତାମାନଙ୍କର ଅବଦାନ, ଦୀର୍ଘକାଳୀନ କାରବାର ଓ ସ୍ୱାଧୀନ ଭାରତ ଗଢ଼ିବା ପାଇଁ ରୂପରେଖ ପ୍ରସ୍ତୁତିରେ ବଳିଷ୍ଠ ଯୋଗଦାନକୁ କେହି ବି ଅସ୍ୱୀକାର କରିପାରିବେ ନାହିଁ । ସେହିପରି ୧୯୭୧ ଯୁଦ୍ଧରେ ଇନ୍ଦିରା ଗାନ୍ଧିଙ୍କ ଭୂମିକାକୁ ସ୍ୱୀକାର କରିବା ବଦଳରେ ସିମ୍‌ଲା ଚୁକ୍ତି କଥା କହି ତାଙ୍କୁ ନ୍ୟୂନ କରିବାର ଉଦ୍ୟମ ବର୍ତ୍ତମାନର ପ୍ରଧାନମନ୍ତ୍ରୀଙ୍କ ପକ୍ଷରୁ କୁହାଯିବା ଆଦୌ ଗ୍ରହଣୀୟ ହେବ ନାହିଁ । କେବଳ କଂଗ୍ରେସକୁ ଗାଳିଦେବା ପାଇଁ ନେହରୁଙ୍କ ଠାରୁ ଆରମ୍ଭ କରି ଇନ୍ଦିରା ଗାନ୍ଧିଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ନିନ୍ଦା କରିବା ଲକ୍ଷ୍ୟରେ ଇତିହାସକୁ ପାର୍ଲାମେଣ୍ଟରେ ଉପସ୍ଥାପିତ କରିବା ଦ୍ୱାରା ପରୋକ୍ଷରେ କଂଗ୍ରେସକୁ ନୂତନ ଜୀବନ ପାଇଁ ସୁଯୋଗ ଦିଆଯାଉଛି । ୨୦୧୪ ନିର୍ବାଚନରେ ଓ ପରବର୍ତ୍ତୀ ବିଧାନସଭା ନିର୍ବାଚନ ଗୁଡ଼ିକରେ ରାହୁଲ ଗାନ୍ଧିଙ୍କୁ ଜଣେ ସ୍ୱୀକୃତ ନେତା ଭାବରେ ଦେଶବାସୀ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହନ୍ତି ବୋଲି ସ୍ପଷ୍ଟ ଭାବେ ଦର୍ଶାଇଥିଲେ । କେବଳ ସେତିକି ନୁହେଁ, ରାହୁଲ ଗାନ୍ଧିଙ୍କ ନେତୃତ୍ୱାଧୀନ କଂଗ୍ରେସ କଦାପି ପୁରୁଣା କଂଗ୍ରେସ ହୋଇପାରିବ ନାହିଁ ବୋଲି ଅନେକ ଚିନ୍ତାଶୀଳ ପର୍ଯ୍ୟବେକ୍ଷକମାନେ ମତବ୍ୟକ୍ତ କରୁଥିଲେ । କିନ୍ତୁ କଂଗ୍ରେସମୁକ୍ତ ସ୍ଲୋଗାନ ଉପରେ ଆକ୍ଷରିକ ବିଶ୍ୱାସ କରି ନରେନ୍ଦ୍ର ମୋଦିଙ୍କ ସରକାର ଯେଉଁ ଚିନ୍ତାଧାରା ଆରମ୍ଭ କରିଛନ୍ତି ତାହାକୁ ଗ୍ରହଣ କରିପାରୁନଥିବା ଲକ୍ଷ ଲକ୍ଷ ଜନସାଧାରଣ ବାଧ୍ୟ ହୋଇ ରାହୁଲ ଗାନ୍ଧିଙ୍କ ନେତୃତ୍ୱାଧୀନ କଂଗ୍ରେସକୁ ଅତୀତ କଂଗ୍ରେସର ପ୍ରକୃତ ଉତ୍ତରାଧିକାରୀ ଭାବରେ ବିଚାର କରୁଛନ୍ତି । ରାଜସ୍ଥାନ ଉପନିର୍ବାଚନରେ ଯେଉଁଭଳି ଭାବରେ ଜନସାଧାରଣ ବିଜେପି ବିରୋଧରେ ମତପ୍ରକାଶ କରିଛନ୍ତି ତାହା ତା'ର ଏକ ସୂଚନା ବୋଲି ବିଶ୍ୱାସ କରାଯାଉଛି । ପୂର୍ବରୁ ଗୁଜରାଟ ନିର୍ବାଚନରେ ୨୨ବର୍ଷ ପରେ କଂଗ୍ରେସ ନୂଆ ଶକ୍ତି ପାଇଥିବା ଅନୁଭବ କରାଯାଇଥିଲା । ଏହା ବାସ୍ତବରେ ନରେନ୍ଦ୍ର ମୋଦିଙ୍କର କଂଗ୍ରେସକୁ କେବଳ ଗାଳିଦେବାର ପ୍ରତିକ୍ରିୟା ବୋଲି ବିଚାର କରାଯାଉଛି । ଦେଶର ଇତିହାସ ଓ ବିଶେଷ ଭାବରେ ସ୍ୱାଧୀନତା ସଂଗ୍ରାମର ଇତିହାସ ସହିତ ସ୍ୱାଧୀନ ଭାରତ ଗଠନରେ ଯେଉଁ ନେତାମାନଙ୍କର ବଳିଷ୍ଠ ଅବଦାନ ରହିଛି ସେମାନଙ୍କୁ ସମ୍ମାନ ଦେବା ପରିବର୍ତ୍ତେ ନ୍ୟୂନ କରିବା ଓ ସେମାନଙ୍କ ପାଇଁ ଦେଶ ପଛକୁ ଚାଲିଗଲା କହିବା କଦାପି ଯଥାର୍ଥ ନୁହେଁ । ଗୋଟିଏ ନିର୍ବାଚନରେ ନରେନ୍ଦ୍ର ମୋଦି ଯେଉଁ ସଂଖ୍ୟା ଗରିଷ୍ଠତା ପାଇଛନ୍ତି ତାହାଠାରୁ ଅଧିକ ସଂଖ୍ୟା ଗରିଷ୍ଠତା ପାଇଥିବା ପୂର୍ବ ନେତାମାନଙ୍କୁ ସେ ନ୍ୟୂନ କରିବା ବଦଳରେ ଐତିହାସିକମାନଙ୍କୁ ଏହା ମୂଲ୍ୟାୟନ କରିବାକୁ ଛାଡ଼ିଦେବା ଅଧିକ ରାଜନୈତିକ ପାରଦର୍ଶିତା ହେବ ।

ଜାତୀୟ ସ୍ତରରେ ଯେଉଁ ଧରଣର ଗାଳିଦେବା ରାଜନୀତି ଆରମ୍ଭ ହୋଇଛି, ଓଡ଼ିଶାରେ ମଧ୍ୟ ଠିକ୍ ସେହି ଧରଣର ବ୍ୟବସ୍ଥାର ସୂତ୍ରପାତ ଆରମ୍ଭ ହୋଇଛି । ଓଡ଼ିଶାରେ ଶାସନ କ୍ଷମତାରେ ଥିବା ବିଜୁ ଜନତା ଦଳ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦୀର୍ଘ ୧୮ ବର୍ଷ ଧରି ଲଗାତର କ୍ଷମତାରେ ରହିବା ଫଳରେ ସେମାନଙ୍କ ବିରୋଧରେ ସରକାର ବିରୋଧୀ ଜନମତ ରହିଛି । ସବୁଠାରୁ ବଡ଼ କଥା ଯେ, ୧୮ ବର୍ଷ ଭିତରେ ରାଜ୍ୟ ଯେଉଁ ଅନୁସାରେ ପ୍ରଗତି କରିବା କଥା ତାହା ହୋଇନାହିଁ । ଏବେ ମଧ୍ୟ ମାନବିକ ସମ୍ବଳ ସୂଚକାଙ୍କରେ ଓଡ଼ିଶାର ଦେଶର ସର୍ବନିମ୍ନରେ ଥିବା ଏକ ରାଜ୍ୟ ଭାବେ ରହିଛି । ଦାରିଦ୍ର୍ୟ, ଶିଶୁ ଓ ଜନନୀ ମୃତ୍ୟୁହାରରେ ଏବେବି ଓଡ଼ିଶା ଦେଶର ସର୍ବନିମ୍ନରେ ରହିଛି । ପ୍ରତି ସ୍ତରରେ ଦୁର୍ନୀତି ବଢ଼ିଛି । ଶାସକ ଦଳର ବିଧାୟକ ଓ ନେତାମାନେ କୋଟିପତି ହୋଇଛନ୍ତି । ଖଣି କ୍ଷେତ୍ରରେ ବ୍ୟାପକ ହରିଲୁଟ୍ ଓ ବେଆଇନ କାର୍ଯ୍ୟକଳାପ ଉପଲବ୍ଧି ହେବାପରେ ସାରା ରାଜ୍ୟରେ ଲଘୁ ଖଣିଜ ପଦାର୍ଥ ଅର୍ଥାତ୍ ପଥର, ଚିପ୍ସ, ବାଲି ଓ ମୋରମ ପ୍ରବୃତିରେ ରାଜ୍ୟବ୍ୟାପୀ ଯେଉଁ ବେଆଇନ କାର୍ଯ୍ୟକଳାପ ଚାଲିଛି, ସେଥିରେ କୋଟିକୋଟି ଟଙ୍କାର ରାଜସ୍ୱ କ୍ଷତି ସହ ପରିବେଶ ସନ୍ତୁଳନ ଧ୍ୱଂସ ହେବାରେ ଲାଗିଛି । ଶାସକ ଦଳର ବିଧାୟକ ଓ ସମର୍ଥକମାନେ ମିଶି ସେମାନଙ୍କ ସହଯୋଗୀ ସରକାରୀ ଅଧିକାରୀମାନଙ୍କ ଜରିଆରେ ଏ ବେଆଇନ କାର୍ଯ୍ୟ ଚଳାଇଛନ୍ତି । ଆଇନ ଶୃଙ୍ଖଳା ଓ ନାରୀମାନଙ୍କ ସୁରକ୍ଷା ପ୍ରସଙ୍ଗରେ ମଧ୍ୟ ରାଜ୍ୟ ସରକାରଙ୍କ ରେକର୍ଡ ଭଲନାହିଁ । ଏହିପରି ଅବସ୍ଥାରେ ବିଭିନ୍ନ କ୍ଷେତ୍ରରେ ଓ ବିଭିନ୍ନ ନିର୍ବାଚନମଣ୍ଡଳିରେ ସରକାରଙ୍କୁ ଆକ୍ରମଣ କରିବା ପାଇଁ ଭଲ ଭିତ୍ତି ରହିଛି । ଗତ ପଞ୍ଚାୟତ ନିର୍ବାଚନରେ ଲୋକମାନଙ୍କ ଅସନ୍ତୋଷ ଅନେକ ପରିମାଣରେ ପ୍ରତିଫଳିତ ହୋଇଛି । ଏଥିରେ ବିଜେପିକୁ ଯେଉଁ ସଫଳତା ମିଳିଲା ତାହାକୁ ଆଧାର କରି ସେମାନେ ସରକାରଙ୍କ ବିରୋଧରେ ଯେଉଁ ଆଭିମୁଖ୍ୟ ଆରମ୍ଭ କରିଛନ୍ତି ସେଥିରେ ବିଜେପି ଏକ ବିକଳ୍ପ ଶାସକ ଦଳ ଭାବରେ ଜନସାଧାରଣଙ୍କ ନିକଟରେ ଉପସ୍ଥାପିତ ହେଉନାହିଁ । ନବୀନ ପଟ୍ଟନାୟକ ଚାଉଳ ଯୋଗାଣଠାରୁ ଆରମ୍ଭ କରି ବ୍ୟକ୍ତିଗତ ଭାବରେ ଦରିଦ୍ର ଶ୍ରେଣୀକୁ ବିଭିନ୍ନ ଭତ୍ତା ଓ ସୁବିଧା ଜରିଆରେ ଯେଉଁ ଭାବମୂର୍ତ୍ତି ସୃଷ୍ଟି କରିଛନ୍ତି ଓ ସବୁଠାରୁ କମ୍ କଥାକହି ନିଜର ନିର୍ମଳ ଚରିତ୍ରକୁ ବଜାୟ ରଖିଛନ୍ତି ତାହାକୁ ନଷ୍ଟ କରିବା ନିମନ୍ତେ ବିରୋଧୀ ପକ୍ଷର ଉପଯୁକ୍ତ କୌଶଳ ନାହିଁ । ଅତୀତରେ ଯେପରି ସରକାରଙ୍କର ସମସ୍ତ ଅପକର୍ମ ଓ ଦୋଶତ୍ରୁଟି ପାଇଁ ପ୍ୟାରୀମୋହନ ମହାପାତ୍ରଙ୍କୁ ଦାୟୀ କରାଯାଇ ନବୀନଙ୍କ ଭାବମୂର୍ତ୍ତି ରକ୍ଷା କରାଯାଉଥିଲା, ଏବେ ଠିକ୍ ସେହିପରି ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭି କାର୍ତ୍ତିକେୟନ ପାଣ୍ଡିଆନ୍‌ଙ୍କ ଉପରେ ସମସ୍ତ କ୍ରୋଧ ଓ ଅସନ୍ତୋଷ ଢ଼ଳାଯାଉଛି । ସତେ ଯେପରି ନବୀନ ପଟ୍ଟନାୟକ ଶାସନ ବଜାୟ ରଖିବା ପାଇଁ ପାଣ୍ଡିଆନ୍ ହିଁ ଏକମାତ୍ର ବ୍ୟକ୍ତି । ପାଣ୍ଡିଆନ୍‌ଙ୍କ ବିରୋଧରେ ବରାବର ଅଭିଯୋଗ ପରେ ଏବେ ତାଙ୍କ ଘର ଉପରେ ସିଧାସଳଖ ହମ୍‌ଲା କରାଯାଇଛି । ନବୀନଙ୍କ ନେତୃତ୍ୱର ଓ ଶାସନର ଅସଲ ଦୁର୍ବଳତାକୁ ପଦାରେ ପକାଇ ନବୀନ ଏଥିପାଇଁ ଦାୟୀ ବୋଲି ସିଧାସଳଖ ଭାବରେ ବିରୋଧୀମାନେ ବା ବିଜେଡି ଅସନ୍ତୁଷ୍ଟମାନେ ନକହି କେବଳ ପାଣ୍ଡିଆନ୍‌ଙ୍କ ଉପରେ ସମସ୍ତ ଦୋଷ ଲଦିବାରେ ବ୍ୟସ୍ତ ଅଛନ୍ତି । ପାଣ୍ଡିଆନ୍ ଜଣେ ଚାକିରିରେ ଥିବା ଆଇଏଏସ୍ ଅଫିସର୍ । ତାଙ୍କୁ ବ୍ୟକ୍ତିଗତ ସଚିବରୁ ହଟାଇଦେବା ପାଇଁ ନବୀନଙ୍କୁ ଆଦୌ ପରିଶ୍ରମ କରିବାକୁ ପଡ଼ିବନାହିଁ । କେବଳ ପାଣ୍ଡିଆନ୍‌ଙ୍କୁ ହଟାଇଦେଲେ ଯଦି ସରକାର ଦୋଷମୁକ୍ତ ହୋଇଯିବେ ତେବେ ନିର୍ବାଚନ ପୂର୍ବରୁ ନବୀନ ଏପରି ପଦକ୍ଷେପ ନେବା ଆଦୌ ଅସମ୍ଭବ ନୁହେଁ । ଗତ ୨୦୧୪ ନିର୍ବାଚନ ପୂର୍ବରୁ ୨୦୧୨ ମସିହାରେ ଯେପରି ପ୍ୟାରୀମୋହନ ମହାପାତ୍ରଙ୍କର ବିଦ୍ରୋହକୁ ନାଟକ ରୂପ ଦିଆଯାଇ ନବୀନଙ୍କ ନୂଆ ଭାବମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲା ଓ ଯାହାଫଳରେ ଗତ ନିର୍ବାଚନରେ ନବୀନ ୧୧୭ର ରେକର୍ଡ଼ ସଂଖ୍ୟା ବିଧାନସଭାରେ ହାସଲ କଲେ ତାହା କେହି ଭୁଲିଯିବା ଉଚିତ ନୁହେଁ । କିନ୍ତୁ ଏ ଅତୀତକୁ ଜାଣି ମଧ୍ୟ କେବଳ ପାଣ୍ଡିଆନ୍‌ଙ୍କୁ ଆକ୍ରମଣର ଯେଉଁ ନାଟକ ଚାଲିଛି ସେଥିରେ ନବୀନ ହିଁ ଲାଭବାନ ହେଉଛନ୍ତି । ଶାସନର ଯେଉଁ ଅପକର୍ମ ପାଇଁ ନବୀନ ଦାୟୀ ହେବା କଥା ସେଥିରେ ପାଣ୍ଡିଆନ୍‌ଙ୍କୁ ଅସଲ ଅପରାଧୀ ଭାବରେ ଯେଉଁମାନେ ଉପସ୍ଥାପିତ କରୁଛନ୍ତି, ସେମାନେ ପରୋକ୍ଷରେ ନବୀନଙ୍କୁ ହିଁ ସାହାଯ୍ୟ କରୁଛନ୍ତି । ■

ବରିଷ୍ଠ ସାମ୍ବାଦିକ

ମୋ: ୮୦୧୮୦୯୪୪୫୫/ ୯୪୩୭୪୦୪୪୫୫

# ସ୍ୱାସ୍ଥ୍ୟ ସୂଚୀ ଓ ନିର୍ଦ୍ଦିଷ୍ଟ ନୀତି

ନିକଟରେ ଲୋକସଭାରେ ଉପସ୍ଥାପିତ କେନ୍ଦ୍ର ସରକାରଙ୍କ ବଜେଟ୍‌ରେ ଦେଶର ୧୦ କୋଟି ପରିବାରର ୫୦ କୋଟି ଲୋକଙ୍କ ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କାର ଚିକିତ୍ସା ବୀମା ଘୋଷଣା କରାଯାଇଛି । ଦେଶର ପ୍ରତି ପରିବାର ନିକଟରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ପାଇଁ ବଜେଟ୍‌ରେ ୧.୫ଲକ୍ଷ ନୂତନ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଖୋଲିବାକୁ ଲକ୍ଷ୍ୟ ରଖାଯାଇଛି । ଆଉ ଏହା ପରେ ପରେ ପ୍ରକାଶ ପାଇଛି ନୀତି ଆୟୋଗର ପ୍ରଥମ ସ୍ୱାସ୍ଥ୍ୟ ସୂଚକାଙ୍କ ଯେଉଁଥିରେ ପ୍ରକାଶ ପାଇଛି ବିଭିନ୍ନ ରାଜ୍ୟରେ ଜନସ୍ୱାସ୍ଥ୍ୟ ଅବସ୍ଥାର ଏକ ତୁଳନାତ୍ମକ ମୂଲ୍ୟାୟନ । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ, ଯେଉଁ ରାଜ୍ୟମାନେ ସାକ୍ଷରତା, ପୁଷ୍ଟି ଯୋଗାଣ କାର୍ଯ୍ୟକ୍ରମ ଏବଂ ପ୍ରାଥମିକ ସ୍ୱାସ୍ଥ୍ୟ ସେବାରେ ଅଧିକ ଅର୍ଥ ବ୍ୟୟ କରିଛନ୍ତି, ସେମାନେ ଆୟୋଗ ଦ୍ୱାରା ପ୍ରକାଶିତ ସୂଚକାଙ୍କରେ ଅଧିକ ସ୍କୋର ବା ନମ୍ବର ହାସଲ କରି ଶୀର୍ଷ ସ୍ଥାନମାନଙ୍କରେ ରହିଛନ୍ତି । ତାଲିକାରେ କେରଳ, ପଞ୍ଜାବ ଏବଂ ତାମିଲନାଡୁ ସର୍ବୋତ୍କୃଷ୍ଟ କର୍ତ୍ତବ୍ୟ ସମ୍ପାଦନକାରୀ ଭାବେ ଶୀର୍ଷରେ ରହିଥିବା ବେଳେ ଉତ୍ତରପ୍ରଦେଶ, ରାଜସ୍ଥାନ, ବିହାର, ଓଡ଼ିଶା ଏବଂ ମଧ୍ୟପ୍ରଦେଶ ତଳ ଆଡ଼କୁ ସ୍ଥାନ ପାଇଛନ୍ତି । ମନେହୁଏ, ତାଲିକାର ନିମ୍ନରେ ରହିଥିବା ରାଜ୍ୟମାନେ ଏବେ ବି ସେହି ଐତିହାସିକ 'ବିମାରୁ' ବର୍ଗ ଭିତରୁ ବାହାରିବାକୁ ଉଦ୍ୟମ କରି ନାହାନ୍ତି । ତାଲିକାରେ ଯେଉଁ ରାଜ୍ୟମାନେ ଶୀର୍ଷରେ ରହିଛନ୍ତି, ସେମାନେ ୨୦୧୪- ୧୫କୁ ମୂଳ ବର୍ଷ ଭାବରେ ନେଇ ସ୍ୱାସ୍ଥ୍ୟସେବା ବାବଦରେ ଅଧିକ ଧ୍ୟାନ ଦେବା ଫଳରେ ଆଜି ଆଶାତୀତ ଏବଂ ଉଲ୍ଲେଖନୀୟ ସଫଳତା ହାସଲ କରି ପାରିଛନ୍ତି । ଏଭଳି ପଦକ୍ଷେପ ନେଇ ଜନଜାତି ଅଧ୍ୟୁଷିତ ଝାଡ଼ଖଣ୍ଡ ଏବଂ ଛତିଶଗଡ଼ ରାଜ୍ୟ ମଧ୍ୟ ସଫଳତାର ସହିତ ସମାଜର ସବୁଠୁ ତଳ ସ୍ତରର ଲୋକମାନଙ୍କୁ ସ୍ୱାସ୍ଥ୍ୟବୀମାର ପରିସରକୁ ଆଣିବା ସହିତ ମୌଳିକ ସ୍ୱାସ୍ଥ୍ୟସେବା ଯୋଗାଇ ପାରିଛନ୍ତି । ସେମାନଙ୍କର ଦ୍ରୁତ ପ୍ରଗତି ପ୍ରମାଣିତ କରିଛି ଯେ ଲୋକମାନେ ଯେତେ ପଛୁଆ/ ରୁଢ଼ିବାଦୀ ହୁଅନ୍ତୁ ନା କାହିଁକି, ଦୃଢ଼ ପ୍ରତିଜ୍ଞ ହୋଇ କାର୍ଯ୍ୟ କଲେ ସର୍ବାଧିକ ପଛୁଆ ଜିଲ୍ଲାର ସ୍ଥିତିକୁ ମଧ୍ୟ ପରିବର୍ତ୍ତନ କରି ହେବ । ରିପୋର୍ଟରେ ପ୍ରକାଶିତ ଅନ୍ୟ ଏକ ଆଶ୍ଚର୍ଯ୍ୟଜନକ ତଥ୍ୟ ହେଉଛି- ତାଲିକାରେ ଜମ୍ମୁ- କଶ୍ମୀର ମଧ୍ୟ ଉନ୍ନତ ସ୍ଥାନରେ ରହିବା, ଏମିତିକି ଉନ୍ନତ ରାଜ୍ୟମାନଙ୍କ ତୁଳନାରେ ଊଣା ହେଲେ ବି ଉତ୍ତରପ୍ରଦେଶରେ ୨୧ତମ ସ୍ଥାନରେ ରହିବା ।

ସ୍ୱାସ୍ଥ୍ୟସେବା ପ୍ରଦାନ କରିବାର ଦାୟିତ୍ୱ ରାଜ୍ୟ ସରକାରମାନଙ୍କର; କେନ୍ଦ୍ର ସରକାର କେବଳ ଆର୍ଥିକ ତଥା ନୀତିଗତ ସମର୍ଥନ ଯୋଗାଇ ଦେଇଥାନ୍ତି । ତେବେ ଯେ କୌଣସି କ୍ଷେତ୍ର ଭଳି ସ୍ୱାସ୍ଥ୍ୟ କ୍ଷେତ୍ରରେ ମଧ୍ୟ ଉନ୍ନତି କରିବା ପାଇଁ ପ୍ରତିଯୋଗିତାପୂର୍ଣ୍ଣ ମନୋଭାବର ଆବଶ୍ୟକତା ରହିଛି । ନୀତି ଆୟୋଗ ନିଜର ସୀମା ଭିତରେ ରହି ତାଙ୍କର ସୂଚକାଙ୍କ ଜରିଆରେ ରାଜ୍ୟମାନଙ୍କ ମଧ୍ୟରେ ଏହି ଭାବନାଟିକୁ ଜାଗ୍ରତ କରିବାର ଉଦ୍ୟମ କରିଛନ୍ତି । ଉଦାହରଣ ସ୍ୱରୂପ, ଏହା ଦର୍ଶାଇଛନ୍ତି ଯେ ନବଜାତକଙ୍କ ମୃତ୍ୟୁହାର କ୍ଷେତ୍ରରେ ଓଡ଼ିଶାର ସ୍ଥାନ ସର୍ବାଗ୍ରେ- ଓଡ଼ିଶାରେ ଏହାର ସଂଖ୍ୟା ୧ ହଜାର ଜୀବନ୍ତ ନବଜାତରେ ୩୫ ଯାହାକି ଉତ୍ତରପ୍ରଦେଶ ତୁଳନାରେ ମଧ୍ୟ ଅଧିକ । ରାଜନୀତିକ ଇଚ୍ଛାଶକ୍ତି ପ୍ରକାଶ ପାଇଲେ ଏହାର ସଂଖ୍ୟାକୁ ହ୍ରାସ କରାଯିବା ସମ୍ଭବପର ହୋଇ ପାରିବ । ଏଥିପାଇଁ ଜରୁରିକାଳୀନ ଭିତ୍ତିରେ ପ୍ରତିଷେଧକମୂଳକ କାର୍ଯ୍ୟକ୍ରମମାନ ହାତକୁ ନିଆଯିବା ଉଚିତ । ସୂଚନାଯୋଗ୍ୟ ଯେ ଆନୁଷ୍ଠାନିକ ସ୍ୱାସ୍ଥ୍ୟସେବା ପ୍ରଦାନ, ଯକ୍ଷ୍ମା ରୋଗ ସମ୍ପର୍କରେ ବିଧିବଦ୍ଧ ବିବରଣୀ ପ୍ରଦାନ, ଏଚ୍‌ଆଇଭି/ ଏଡ୍‌ସ୍ ରୋଗୀଙ୍କଦ୍ୱାରା ଔଷଧ ପ୍ରାପ୍ତି ଓ ସେବନ, ଟିକାକରଣ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ଏବଂ ସ୍ୱାସ୍ଥ୍ୟସେବା ବାବଦକୁ ଅଧିକ ବ୍ୟୟ ଇତ୍ୟାଦି କେତେକ ମାନଦଣ୍ଡ ଆଧାରରେ ନୀତି ଆୟୋଗର ସୂଚକାଙ୍କ ପ୍ରସ୍ତୁତ ହୋଇଛି । ଏଥିରୁ ଯେଉଁ ଦୁଇଗୋଟି ମୁଖ୍ୟ ତତ୍ତ୍ୱ ଉପଲବ୍ଧ, ତାହା ହେଉଛି- ଉପରୋକ୍ତ ମାନଦଣ୍ଡଗୁଡ଼ିକ ପୂରଣ କରିବା ତଥା ସାମୂହିକ ଭାବରେ ସମସ୍ତଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବା ସହିତ ସୂକ୍ଷ୍ମାତିସୂକ୍ଷ୍ମ ଆକଳନ ନିମନ୍ତେ ଘରୋଇ କ୍ଷେତ୍ରକୁ ମିଶାଇ ସମସ୍ତ କ୍ଷେତ୍ରର ତଥ୍ୟ ସମୂହରେ ଗୁଣାତ୍ମକ ଉନ୍ନତି ଅଣାଯିବା ନିହାତି ଦରକାର । ସୂଚକାଙ୍କରେ ସ୍ୱାସ୍ଥ୍ୟ କ୍ଷେତ୍ରର ପ୍ରମୁଖ ଦିଗଗୁଡ଼ିକ ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ଏ କ୍ଷେତ୍ରରେ ରାଜ୍ୟମାନଙ୍କର ତୁଳନାତ୍ମକ ଚିତ୍ର ଉପସ୍ଥାପନ କରିବା ଅବସରରେ ନୀତି ଆୟୋଗ ସ୍ପଷ୍ଟ କରି ଦେଇଛନ୍ତି ଯେ ଏସବୁ ପରିସଂଖ୍ୟାନରେ ଉନ୍ନତି ଘଟାଇବା ପାଇଁ କରାଯାଇ ନାହିଁ, ବରଂ ରାଜ୍ୟମାନଙ୍କ ମଧ୍ୟରେ ପାରସ୍ପରିକ ସହଯୋଗ ଏବଂ ଏହା ଭିତ୍ତିରେ ଶିକ୍ଷାଲାଭ କରି ସବୁ ରାଜ୍ୟଙ୍କୁ ଦୟନୀୟ ଅବସ୍ଥାରୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ କରାଯାଇଛି । ମୋଟାମୋଟି ସୂଚକାଙ୍କ ଜରିଆରେ ନୀତି ଆୟୋଗ ସୂଚାଇ ଦେବାକୁ ଚାହିଁଛନ୍ତି ଯେ ରାଜ୍ୟମାନେ ସେମାନଙ୍କ ସ୍ୱାସ୍ଥ୍ୟ ବିଭାଗମାନଙ୍କୁ ଦୃଢ଼ କରି ପ୍ରାଥମିକ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ନୀତିଗତ ଭାବରେ ଉଦ୍ୟମ କରିବା ଅତ୍ୟାବଶ୍ୟକ । ଏହା ହୋଇପାରିଲେ ସକାରାତ୍ମକ ଫଳ ମିଳିପାରିବ । ■

# ମାଳଦ୍ୱୀପ ଓ ଭାରତ

ମାଳଦ୍ୱୀପ ସହିତ ଭାରତର ସମ୍ପର୍କ ଦୀର୍ଘଦିନର ହୋଇଥିଲେ ବି ସାମ୍ପ୍ରତିକ ସମୟରେ ଚୀନ୍‌ର ମାଳଦ୍ୱୀପକୁ ସମର୍ଥନ ଏହାକୁ ଦୋହଲାଇ ଦେଇଛି । ନିକଟ ଅତୀତରେ ଏହି ଦ୍ୱୀପପୁଞ୍ଜ ରାଷ୍ଟ୍ରର ରାଷ୍ଟ୍ରପତି ଅବ୍‌ଦୁଲ୍ଲା ୟାମିନ୍ ସୁପ୍ରିମକୋର୍ଟଙ୍କ ଆଦେଶକୁ ବେଖାତିର କରି କ୍ଷମତାକୁ ନିଜ ହାତରେ ରଖିବା ପାଇଁ ଦେଶରେ ଜରୁରିକାଳୀନ ପରିସ୍ଥିତି ଜାରି କରିଛନ୍ତି । ଏହାକୁ ଉଠାଇ ଦେବାକୁ ଗତ ସପ୍ତାହରେ ତାଙ୍କୁ ବିଶ୍ୱ ସମୁଦାୟ ନିବେଦନ କରିଥିଲେ ବି ସେ ନିଜର ଜିଦ୍‌ରେ ଅଟଳ ରହିଛନ୍ତି । ୟାମିନ୍‌ଙ୍କର ଏପରି ଜିଦ୍ ପଛରେ 'ଚୀନ୍‌ର ପ୍ରଭାବ' ରହିଥିବା ମନେହୁଏ । ଏଭଳି ପରିସ୍ଥିତିରେ ଦେଶରେ ଗଣତନ୍ତ୍ରକୁ ବଜାୟ ରଖିବାକୁ ଭାରତ ହସ୍ତକ୍ଷେପ କରୁ ଏପରିକି ସାମରିକ ହସ୍ତକ୍ଷେପ କରୁ ବୋଲି ତାଙ୍କର ବିରୋଧୀମାନେ ଅନୁରୋଧ କରୁଛନ୍ତି । ମାଳଦ୍ୱୀପର ଆଭ୍ୟନ୍ତରୀଣ ରାଜନୈତିକ ଅସ୍ଥିରତାକୁ ତା'ର ଆଭ୍ୟନ୍ତରୀଣ ବ୍ୟାପାର କହି ଚୀନ୍ ଏଥିରେ କୌଣସି ରାଷ୍ଟ୍ର ହସ୍ତକ୍ଷେପ ନ କରିବାକୁ ବାରମ୍ବାର ଚେତାବନୀ ଦେଇ ଆସୁଛି । ପରବର୍ତ୍ତୀ ସମୟରେ ଅବଶ୍ୟ ଏହି ଦ୍ୱୀପପୁଞ୍ଜ ରାଷ୍ଟ୍ରରେ ଭାରତର ପ୍ରଭାବକୁ ପରୋକ୍ଷରେ ସ୍ୱୀକାର କରି ଚୀନ୍ ନିଜ ବକ୍ତବ୍ୟରେ ପରିବର୍ତ୍ତନ ଘଟାଇ କହିଛି ଯେ ମାଳଦ୍ୱୀପରେ ସ୍ଥିରତା ବଜାୟ ରଖିବା ଉଭୟ ଭାରତ ଓ ଚୀନ୍ ପାଇଁ ଲାଭଦାୟକ । ମାଳଦ୍ୱୀପର ନେତୃବୃନ୍ଦ ଚୀନ୍‌ର ଉପସ୍ଥିତିକୁ ସହୃଦୟତାର ସହିତ ଗ୍ରହଣ କରନ୍ତି ନାହିଁ । ୧୯୮୮ ଭଳି ଭାରତ ପୁଣିଥରେ ସ୍ଥିତିକୁ ସୁଧାରିବା ପାଇଁ ଏଠାରେ ସାମରିକ ହସ୍ତକ୍ଷେପ କରୁ ବୋଲି ମଧ୍ୟ ମାଳଦ୍ୱୀପର କେତେକ ନେତା ଚାହାନ୍ତି । କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ ଭାରତ ତାହା କରିବା ସମୀଚୀନ ମନେହୁଏ ନାହିଁ । ଗଣତନ୍ତ୍ରର ପ୍ରତିଷ୍ଠା କ୍ଷେତ୍ରରେ ଏହା ସହାୟକ ହେବାର ଆଶା କ୍ଷୀଣ । ଏଣୁ କୂଟନୀତି ହିଁ ସର୍ବୋତ୍କୃଷ୍ଟ ଉପାୟ । କିନ୍ତୁ ଆବଶ୍ୟକ ପଡ଼ିଲେ ଜାତିସଂଘର ନିୟମାନୁଯାୟୀ ସାମରିକ କାର୍ଯ୍ୟାନୁଷ୍ଠାନ ମଧ୍ୟ ହୋଇପାରେ । କିନ୍ତୁ ଏଥିପାଇଁ ଏତେ ତରବର ନହେବା ଉଚିତ । ■

# ବିଶ୍ୱ ରେଡିଓ ଦିବସ

ଭାରତରେ ଗଣମାଧ୍ୟମକୁ ନେଇ ସାମୂହିକ ଆନ୍ଦୋଳନ ବା ବିପ୍ଳବ ବହୁ ପ୍ରାଚୀନ । ତାହା କେବଳ ପ୍ରମାଣିତ ହୋଇଛି ଦେଶର ୫୩୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଭାଷାରେ ପ୍ରକାଶିତ ହେଉଥିବା ସମ୍ବାଦପତ୍ର ଓ ପତ୍ରପତ୍ରିକାରୁ । ପ୍ରାୟତଃ ୪୦୦ରୁ ୮୦୦ ମିଲିୟନ ଜନତା ସିଧାସଳଖ ରେଡିଓ ଓ ଟେଲିଭିଜନ ସହ ଜଡ଼ିତ ହୋଇ ରହିଛନ୍ତି । ରେଡିଓ ଓ ଟେଲିଭିଜନର ବିପୁଳ ଶ୍ରୋତା ଓ ଦର୍ଶକ ସେମାନଙ୍କର ଏକମାତ୍ର ମାଧ୍ୟମ ବୋଲି ଧରି ନେଇଛନ୍ତି । ଦୀର୍ଘ ବର୍ଷ ଧରି ଏ ଦୁଇ ଗଣମାଧ୍ୟମ ଜନତାଙ୍କ ଉପରେ ଯଥେଷ୍ଟ ପ୍ରଭାବ ପକାଇ ଆସିଛି । ଖବର ପ୍ରସାରଣ ଉଭୟଙ୍କର

**ଅସୀମା ସାହୁ**

ଭୂମିକା ହୋଇଥିଲେ ହେଁ ଖବରକାଗଜର ଚାହିଦା କମି ଯାଇନଥିଲା । ଖବରକାଗଜ ପାଠକ ସୃଷ୍ଟି କରୁଥିଲାବେଳେ ରେଡିଓ, ଟେଲିଭିଜନ ସଙ୍ଗୀତ, ନାଟକ ଏବଂ ଅନ୍ୟାନ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରସାରଣ କରି ବେଶ୍ ପ୍ରଶଂସାର ପାତ୍ର ହୋଇପାରିଥିଲା । ଏ ପରିପ୍ରେକ୍ଷୀରେ ବିଶ୍ୱ ରେଡିଓ ଦିବସ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ।

ଏହି ଦିବସଟିକୁ ସାରା ବିଶ୍ୱରେ ପାଳନ କରିବା ପାଇଁ ୟୁନେସ୍କୋ ତା'ର ୩୬ତମ ସାଧାରଣ ବୈଠକରେ ନିଷ୍ପତ୍ତି ଗ୍ରହଣ କରିଥିଲା । ତା'ର ସାଧାରଣ ବୈଠକ ୨୦୧୧ ମସିହା ନଭେମ୍ବର ମାସରେ ବସିଥିଲା । ଏହାକୁ ପ୍ରଥମେ ସ୍ପେନ୍ ପ୍ରଥମ କରି ବୈଠକରେ ଉପସ୍ଥାପିତ କରିଥିଲା । ସ୍ପାନିସ୍ ରେଡିଓ ଏକାଡେମୀର ପ୍ରସ୍ତାବ କ୍ରମେ ୨୦୧୦ ମସିହା ସେପ୍ଟେମ୍ବର ମାସରେ ୟୁନେସ୍କୋ ବୋର୍ଡ ଏହାକୁ ଏକ ଏଜେଣ୍ଡା ଭାବରେ ବିଚାର ଆଲୋଚନା ପାଇଁ ପ୍ରସ୍ତାବ ଗ୍ରହଣ କରିଥିଲେ । ପରେ ପରେ ଶୃଙ୍ଖଳିତ ଭାବରେ ଏକ୍‌ଜିକ୍ୟୁଟିଭ୍ ବୋର୍ଡ ଏହା ବିଶ୍ୱରେ ରେଡିଓ ଦିବସ ଭାବରେ ସର୍ବସମ୍ମତିକ୍ରମେ ଘୋଷଣା କଲେ । ରେଡିଓ ଦିବସ ୨୦୧୮ର ସପ୍ତମ ସଂସ୍କରଣ ଫେବୃଆରୀ ୧୩-୨୦୧୮ରେ ସାରା ବିଶ୍ୱରେ ପାଳିତ ହେଉଛି । ଏହାର ସନ୍ଦେଶ ହେଲା ସାର୍ବଜନୀନଭାବେ ରେଡିଓ ଓ କ୍ରୀଡ଼ା । ଏହି ବିଷୟରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜନତାଙ୍କର ପ୍ରତ୍ୟକ୍ଷ ସହଯୋଗ ଲୋଡ଼ିବେ ପ୍ରତିଟି ରେଡିଓଷ୍ଟେସନ ଓ ଲୋକମାନଙ୍କୁ ଏ ଦିଗରେ ଅଧିକ ସଚେତନ କରାଇବ । ବିଶ୍ୱ ଆଜି ଖେଳକୁଦ ପାଇଁ ଅଧିକ ଧ୍ୟାନ ଦେଉଛି- ଯୁବକ ଯୁବତୀମାନେ କ୍ରୀଡ଼ା ଓ ଖେଳକୁଦ ପ୍ରତି ଅଧିକ ଉତ୍ସାହୀ, ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇ ଦେଶ ପାଇଁ ସମ୍ମାନ ଆଣି ଦେଉଛନ୍ତି । ତେଣୁ ଅଧିକରୁ ଅଧିକ କିପରି ଏଥିରେ ଅଂଶଗ୍ରହଣ କରିବେ ଏଥିପାଇଁ ଏ ଦିଗରେ ରେଡିଓର ପ୍ରଚେଷ୍ଟା ଯେହେତୁ ରେଡିଓ ଏକ ବଳିଷ୍ଠ ଗଣମାଧ୍ୟମ ଏହାର ଅଧିକ ଶ୍ରୋତା । ତେଣୁ ତାଙ୍କ ପାଖରେ ଅତି ସହଜରେ ପହଞ୍ଚି ପାରିବା ଏହା ଅତି ସହଜ । ଏହା ଯେହେତୁ ଗ୍ରାମାଞ୍ଚଳକୁ ପ୍ରସରି ଯାଇଛି ଯୁବକ ଯୁବତୀ, ସ୍ତ୍ରୀ ପୁରୁଷ, ବୃଦ୍ଧ ସମସ୍ତେ ଓ କି ଶିକ୍ଷିତି କି ଅଶିକ୍ଷିତ ଏଥିରେ ଉପକୃତ ହେଉଛନ୍ତି । ସହଜ ଓ ସୁଲଭରେ ଆମେ ମନୋରଞ୍ଜନ ପାଉଛେ ରେଡିଓ ମାଧ୍ୟମରେ । ଦେଶ ଦୁନିଆର ଖବର ସହ ନାଚଗୀତ, ବାଦ୍ୟବିଚିତ୍ରା, ଲୋକଗୀତ ଜୀବନଜଞ୍ଜାଳର କାହାଣୀ ଶୁଣିବାର ସୁଯୋଗ ପାଇବା ସହ କୃଷି କାର୍ଯ୍ୟକ୍ରମକୁ ଅଧିକ ଭାବରେ ତ୍ୱରାନ୍ୱିତ କରିପାରୁଛେ । ଶ୍ୱେତ ବିପ୍ଳବ ଓ ସବୁଜ ବିପ୍ଳବର ମାର୍ଗଦର୍ଶକ ହେଉଛି ଏଇ ରେଡିଓ । ନାରୀଜାଗରଣ ତଥା ନାରୀ ସଚେତନତା କ୍ଷେତ୍ରରେ ରେଡିଓର ଭୂମିକା ଯଥେଷ୍ଟ ବେଶୀ ।



ରେଡିଓ କର୍ମକ୍ଳାନ୍ତ ଜୀବନରେ ସଙ୍ଗୀତ ଶୁଣାଇ ମନ ଆନନ୍ଦ କରାଏ । ବାତ୍ୟା, ବନ୍ୟା, ତଥା ପ୍ରାକୃତିକ ବିପର୍ଯ୍ୟୟରେ ଆଗୁଆ ସୂଚନା ଦେଇଥାଏ ରେଡିଓ । ଶବ୍ଦକୁ ସାଉଁଟି ଆଣି ସେ ପୁଣି ଛାଡ଼ିଦିଏ ଆମ ଭିତରେ ଆମରି କଥା ଆମେ ଶୁଣୁ, ଆମରି ଗୀତରେ ଆମେ ଅଧୀର ହେଉ । ଏଇ ରେଡିଓ ହିଁ ଆମକୁ ଜୀବନର ଗତିପଥ ବଦଳାଇବାରେ ସାମାଜିକ ପରିବର୍ତ୍ତନ କ୍ଷେତ୍ରରେ ବାଟ କଢ଼ାଏ । ଏଣୁ ଆମ ପାଇଁ ରେଡିଓ ସତରେ ସାଥୀଟିଏ । କେହି ନଥିଲେ ବି ରେଡିଓ ଏକୁଟିଆ ସମୟରେ ଆମ ସହ ଗପ, ଗୀତ ଶୁଣାଏ । କଥା କହେ, ବୁଢ଼ୀ ଅସୁରୁଣୀ କଥା, କଲୁରେଇ ବେଣ୍ଟ କଥା, କୁମ୍ଭୀର ମାଙ୍କଡ଼ କଥା ଏମିତି କେତେ କ'ଣ । ଆଧୁନିକ ଜୀବନ ପାଇଁ ରେଡିଓ ଅପରିହାର୍ଯ୍ୟ । ଏବେ ମୋବାଇଲ୍ ମାଧ୍ୟମରେ ରେଡିଓ କାର୍ଯ୍ୟକ୍ରମ ଶୁଣିବାକୁ ପାଉଛୁ । ରେଡିଓ ଆଜି ସବୁଠାରେ ସଭିଁଙ୍କ ପାଖରେ । ■

ମଧୁବନ, ବାରିପଦା

## ସମ୍ପାଦକଙ୍କୁ ପତ୍ର

### ବିଦ୍ୟୁତ୍ ଶୁଳ୍କ ବୃଦ୍ଧିକୁ ବିରୋଧ

ଚଳିତ ବର୍ଷ ଓଇଆରସିର ବିଦ୍ୟୁତ୍ ଶୁଳ୍କ ବୃଦ୍ଧି ପ୍ରସ୍ତାବକୁ ନା, ବିଦ୍ୟୁତ୍ ଅଡିଟ କାର୍ଯ୍ୟକାରୀ କରିବା ଓ ସର୍ବୋପରି ଗ୍ରାହକମାନଙ୍କୁ ଓଡ଼ିଆ ଭାଷାରେ ବିଦ୍ୟୁତ୍ ବିଲ୍ ଦେବା ସଂକ୍ରାନ୍ତୀୟ ନିଷ୍ପତ୍ତିକୁ ସଂଘ ପକ୍ଷରୁ ସ୍ୱାଗତ କରାଯାଉଛି ଯାହାକି ପ୍ରକୃତପକ୍ଷେ ଲୋକାଭିମୁଖୀ । ବିଦ୍ୟୁତ୍ ଅଡିଟ କାର୍ଯ୍ୟକାରୀ ହେଲେ ବର୍ଷାଧିକ ଧରି ଚାଲିଥିବା ନାନା ଦୁର୍ନୀତି, ଅପାରଗତା ଲୋକଲୋଚନକୁ ଆସିପାରିବ ଓ ଆମ ରାଜ୍ୟ ବିଦ୍ୟୁତ୍ ଉତ୍ପାଦନରେ ବଳକା ରାଜ୍ୟ ହୋଇଥିଲାବେଳେ ବାରମ୍ବାର ଜିଜିଆ କର ଭଳି ଦଳେ ଅସାଧୁ ବ୍ୟକ୍ତିଙ୍କ ପ୍ରରୋଚନାରେ ଜନସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଶୁଳ୍କ ବୃଦ୍ଧିର ସମାପ୍ତି ଆଗାମୀ ଏକଦଶନ୍ଧି ପାଇଁ ଓଡ଼ିଶାକୁ ଏକ ପ୍ରକୃତ ଜନଆଦୃତ ବିଦ୍ୟୁତ୍ ପ୍ରଶାସନ ଦିଗରେ ଆଗେଇ ନେଇ ପାରିବ । ସେହିଭଳି ଓଡ଼ିଆ ଭାଷାରେ ଗ୍ରାହକମାନଙ୍କୁ ବିଦ୍ୟୁତ୍‌ବିଲ୍ ଦିଆଗଲେ ଏଥିରେ ବିତରଣକାରୀ କମ୍ପାନୀମାନଙ୍କ ପକ୍ଷରୁ ପୂର୍ବରୁ ଦିଆଯାଉଥିବା ଜଟିଳ ଓ ଅବୁଝା ତଥ୍ୟ ସବୁ ସାମ୍ନାକୁ ଆସିବ ଯାହାକି ଜନ ପ୍ରଶଂସାର ପାତ୍ର । ତେବେ ଏ ବାବଦରେ ଜଡ଼ିତ ଥିବା ସମସ୍ତ ବ୍ୟକ୍ତିବିଶେଷ, ସଂଗଠନମାନଙ୍କୁ ସଂଘ ତରଫରୁ ଧନ୍ୟବାଦ ଜ୍ଞାପନ କରାଯାଉଛି ଓ ଆଗାମୀ ଦିନରେ ଏହାକୁ ଆହୁରି ଜନସ୍ପୃହଣୀୟ କରିବା ଦିଗରେ ସେମାନଙ୍କର ସହଯୋଗ କାମନା କରୁଛି । ଏ ଦିଗରେ ଜିଲ୍ଲାର ବରିଷ୍ଠ ସମାଜସେବୀ ରମେଶ ଚନ୍ଦ୍ର ମେହର ଜିଲ୍ଲା ଖାଉଟି ଫୋରମ୍‌ରେ ମାମଲା ନ.୨୩/ ୧୫ ଏହି ତିନିଟି ବିଷୟକୁ ଦେଇ ଆଗତ କରିଥିଲେ ଯାହାକି ଓଇଆରସି ଦ୍ୱାରା ଆପାତତଃ ଗ୍ରହଣଯୋଗ୍ୟ ହୋଇଛି । ସେହିଭଳି ଗତ ୨୦୧୫ ଏପ୍ରିଲ୍ ୧୫ ତାରିଖ ମଧ୍ୟରେ ବିତରଣକାରୀ କମ୍ପାନୀମାନଙ୍କ ଦ୍ୱାରା ଓଇଆର୍‌ସିର ବର୍ଦ୍ଧିତ ହାରରେ ଶୁଳ୍କ ଆଦାୟ ହୋଇଥିବା ସମ୍ପର୍କରେ ଜିଲ୍ଲା ଖାଉଟି ଅଦାଲତ ତାଙ୍କ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି ଯେ, ବର୍ଦ୍ଧିତ ଦେୟ ୧୬ ତାରିଖ ପରେ ମିଟର ରିଡିଂ ନିଆଯାଇଥିବା ବିଲ୍‌ରେ ଲାଗୁ କରାଯାଇପାରିବ । ଏହା ପୂର୍ବର ବିଲ୍ ରିଡିଂରେ ନୁହେଁ, ତଥାପି ବିତରଣକାରୀ କମ୍ପାନୀମାନେ ସଂଖ୍ୟାଧିକ ଘରୋଇ ବ୍ୟବହାରକାରୀଙ୍କ ବିଲ୍‌ରେ ଏହି ଅଧିକା ଦେୟ ଓଇଆରସିର ଆଦେଶନାମା ଖିଲାପ କରି ଆଦାୟ କରିଛନ୍ତି ଯାହାକି କମ୍ପାନୀମାନଙ୍କ ଦେୟ ଆଦାୟ ରେକର୍ଡରୁ ପ୍ରମାଣିତ । ଏଣୁ ଅବିଳମ୍ବେ ଅନ୍ୟାୟ ଭାବେ ଆଦାୟ ହୋଇଥିବା ଏହି ବର୍ଦ୍ଧିତ ଦେୟ ବାବଦରେ ନେଇଥିବା ଅର୍ଥ ସେମାନଙ୍କ ବିଲ୍‌ରେ ଅଗ୍ରିମ ଭାବେ ପୈଠ ଦର୍ଶାଯାଉ ନଚେତ୍ ଏହା ଆଇନ୍ ଓ ଓଇଆର୍‌ସି ଆଦେଶନାମାର ଉଲ୍ଲଙ୍ଘନ ବୋଲି ଧରାଯିବ । ସେହିଭଳି ଦୀର୍ଘବର୍ଷ ଧରି ବିନା ଲାଇସେନ୍ସରେ ଓଡ଼ିଶାବାସୀଙ୍କୁ ଲୁଣ୍ଠନ କରିଥିବା ଘରୋଇ ରିଲାଏନ୍ସ କମ୍ପାନୀ ବେଆଇନ୍ ଭାବରେ ଆଦାୟ କରିଥିବା ହଜାର ହଜାର କୋଟି ଟଙ୍କାର ଅର୍ଥକୁ ରାଜ୍ୟ ସରକାରଙ୍କୁ ପଇଠ ନକରି ଚମ୍ପଟ ମାରି ଛୁ' ଓ ଏହାର ଅପକର୍ମର ବୋଝ ସର୍ବଦା ଓଡ଼ିଶାବାସୀଙ୍କ ମୁଣ୍ଡରେ ଲଦିଦେବାର ଯେଉଁ ହୀନ ଚକ୍ରାନ୍ତ ଚାଲିଛି ସେ ଦିଗରେ ଶ୍ୱେତପତ୍ର ପ୍ରକାଶ କରାଯାଉ ଓଇଆରସି ଜନତାଙ୍କ ହିତ ଓ ସ୍ୱାର୍ଥ ଦୃଷ୍ଟିରୁ ଗଠିତ କମିଶନ ନା ମୁଷ୍ଟିମେୟ କମ୍ପାନୀ ଓ ବାବୁମାନଙ୍କ ଇଙ୍ଗିତରେ ପରିଚାଳିତ ହେଉଥିବା ସଂସ୍ଥା, ଏ ସମ୍ପର୍କରେ ସବିଶେଷ ବିବରଣୀ ରଖୁ । କମ୍ପାନୀ ମାରିନେଉଥିବା ହଜାର ହଜାର କୋଟି ଟଙ୍କାର ବକେୟା ଦେୟରୁ ରାଜ୍ୟ ସରକାର କାହିଁକି ପାଇନାହାନ୍ତି ଓ ଏ ବାବଦରେ ସମ୍ପୃକ୍ତ ଖିଲାପକାରୀ ଘରୋଇ କମ୍ପାନୀ ଉପରେ ରାଜ୍ୟ ସରକାର ଓ ଓଇଆରସି କି କି ପଦକ୍ଷେପ ନେଇଛନ୍ତି ସେ ସମ୍ପର୍କରେ ରାଜ୍ୟବାସୀଙ୍କ ସମ୍ମୁଖରେ ଖୁଲାସା କରିବାର ସମୟ ଏବେ ଆସିଛି । ବିଦ୍ୟୁତ୍ ସଂସ୍କାର ନାମରେ ଓଡ଼ିଶାବାସୀଙ୍କୁ ଲୁଟିଥିବା ଏହି କମ୍ପାନୀ ଓ ମୁଷ୍ଟିମେୟ ନେତା, ମନ୍ତ୍ରୀ, ଅଫିସରଙ୍କ ବିରୋଧରେ କି କି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବା କାହିଁକି ଆଜିସୁଦ୍ଧା ନିଆଯାଇ ନାହିଁ, ସେ ସମ୍ପର୍କରେ ରାଜ୍ୟସରକାର ସମସ୍ତ ରାଜ୍ୟବାସୀଙ୍କୁ ଅବଗତ କରାନ୍ତୁ । ସେ ସମୟର ପୂର୍ବତନ ମନ୍ତ୍ରୀ ରିଲାଏନ୍ସ କମ୍ପାନୀ ମଧୁଚନ୍ଦ୍ରିକାର ଦୁର୍ନୀତି ପୃଷ୍ଠା ପୃଷ୍ଠା ହେବ ବୋଲି ଆଶା କରାଯାଏ । ଜଣେ ପୂର୍ବତନ ଶକ୍ତିମନ୍ତ୍ରୀ ଯିଏକି ଏକଦା ନିର୍ବାଚନ ଲଢ଼ିବା ପାଇଁ ନିଜର ପୈତୃକ ସମ୍ପତ୍ତିକୁ ନେଇ ଲକ୍ଷ ଲକ୍ଷ ଟଙ୍କାରେ ବିକି ନିର୍ବାଚନ ଲଢ଼ିଥିଲେ, ସେ ୮ ବର୍ଷ ମଧ୍ୟରେ ରାଜଧାନୀରେ ୪ଟି ଅଟ୍ଟାଳିକାର ମାଳିକ ହେବା ସହ କୋଟି କୋଟି ଟଙ୍କା ସମ୍ପତ୍ତିର ମାଳିକ କିପରି ହେଲେ ? ସେ ବାବଦରେ ରାଜ୍ୟସରକାର ସମସ୍ତଙ୍କ ସମ୍ମୁଖରେ ଖୁଲାସା ଅବିଳମ୍ବେ କରନ୍ତୁ ।

ବରିଷ୍ଠ ନାଗରିକ ସଂଘ, ମୟୂରଭଞ୍ଜ

### ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଦିଗହରା

ନରସିଂହପୁର ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା କୃଷକଙ୍କୁ ତାହା ଯୋଗାଇ ପାରୁନି । ସେଚ କୂପ ଖନନ, କ୍ଷେତ୍ର ପରିଦର୍ଶନ, ଭୂମି ଉନ୍ନୟନ ଆଦିରେ ପ୍ରକୃତ କୃଷକଙ୍କୁ ସାମିଲ କରାନଯାଇ ଧନିକ ଚାଷୀଙ୍କୁ ଏଥିରେ ସାମିଲ କରାଯାଇ ପିସି କାରବାର କରାଯାଉଛି । ଯିଏ ଦେଇପାରିଲା ସେ ନେଲା ନ୍ୟାୟରେ ଚାଲିଛି କୃଷି କାର୍ଯ୍ୟାଳୟ । 'ଆମ୍ଭାରେ ଅର୍ଥ ଲୁଟ୍ ହୋଇ ରହିଛି । ତେଣୁ କର୍ତ୍ତୃପକ୍ଷ ଦୃଷ୍ଟି ଦିଅନ୍ତୁ ।

ଦେବଦତ୍ତ ମଳୟ କୁମାର ବରାଳ
ନରସିଂହପୁର, କଟକ

**ଅନୁରୋଧ**

ଏହି ସ୍ତମ୍ଭରେ ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗକୁ ନେଇ ଆପଣଙ୍କ ସୁଚିନ୍ତିତ ମତ ଓ ମନ୍ତବ୍ୟ ନିମ୍ନରେ ଥିବା ଆମ ଠିକଣାରେ ପଠାଇବାକୁ ଅନୁରୋଧ । - ସମ୍ପାଦକ

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', ପ୍ଲଟ୍ ନଂ-୬୮୭/୩୭୪୫, ଏକାମ୍ରକାନନ, ଜୟଦେବ ବିହାର, ଭୁବନେଶ୍ୱର-୭୫୧୦୧୫, e-mail: nitidinedit@gmail.com